| | |
|---|---|
| | भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** |

**Press Release**

## ଏନଆଇଆରଏଫ ଭାରତ ରାଙ୍କିଂ-୨୦୨୫

### ଇଞ୍ଜିନିୟରିଂ ବର୍ଗରେ ଆଇଆଇଟି ଭୁବନେଶ୍ୱର ୧୫ ସ୍ଥାନ ଉପରକୁ ଉଠି ୩୯ତମ ସ୍ଥାନରେ ପହଞ୍ଚିଛି

**ଭୁବନେଶ୍ୱର, ୫ ସେପ୍ଟେମ୍ବର ୨୦୨୫:** ସର୍ବାଙ୍ଗୀନ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତାର ଏକ ନିଦର୍ଶନ ସ୍ୱରୂପ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଗତକାଲି ଘୋଷଣା କରାଯାଇଥିବା ଏନଆଇଆରଏଫ ୨୦୨୫ ର ଇଞ୍ଜିନିୟରିଂ ବର୍ଗରେ ୧୫ ସ୍ଥାନ ଉପରକୁ ଉଠିଛି ଏବଂ ଏହି ବର୍ଗରେ ୩୯ ତମ ସ୍ଥାନ ହାସଲ କରିଛି। ସାମଗ୍ରିକ ବର୍ଗରେ, ଏହା ୧୦୧-୧୫୦ ରାଙ୍କ୍ ବ୍ୟାଣ୍ଡ ମଧ୍ୟରୁ ୨୦ ରୁ ଅଧିକ ସ୍ଥାନ ଉପରକୁ ଉଠି ଦେଶର ଶ୍ରେଷ୍ଠ ୧୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ୮୦ ରାଙ୍କ୍ ସହିତ ସ୍ଥାନ ପାଇଛି।

ଏହି ଫଳାଫଳ ଉପରେ ମତ ଦେଇ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର କହିଛନ୍ତି: "ଏନଆଇଆରଏଫ୍ ରାଙ୍କିଂରେ ଆଇଆଇଟି ଭୁବନେଶ୍ୱରର ସ୍ଥିତିରେ ଏହି ଉଚ୍ଚ ଉନ୍ନତି ଆମର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଙ୍କ ସାମୂହିକ ପ୍ରୟାସର ଏକ ଉତ୍ସାହଜନକ ସ୍ୱୀକୃତି। ଯଦିଓ ଏହା ଆମର ସ୍ଥିର ପ୍ରଗତିକୁ ପ୍ରତିଫଳିତ କରୁଛି, ଆମେ ଶିକ୍ଷାଦାନ, ଗବେଷଣା, ଶିଳ୍ପ-ଶିକ୍ଷା ସହଯୋଗ, ଉଦ୍ୟୋଗ, ଶିକ୍ଷକ ଶିକ୍ଷା ଏବଂ ସାମାଜିକ ଦାୟିତ୍ୱର ଆମର ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ଆଗାମୀ ବର୍ଷଗୁଡ଼ିକରେ ଆମେ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରୟାସ ଜାରି ରଖିବୁ।"

-------------------